
# ସତ୍ୟବାକ୍ୟ



# THE WORD OF TRUTH

**SEPTEMBER & OCTOBER - 2011**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.16.Sep &Oct-2011.No-5

Published every two months in **Oriya** language for the Restoration of pure New Testament Christianity

Write for free Bible Correspondence course
in
Telugu & Oriya to:

**The Director**
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ
# VOICE OF TRUTH

VOL - XVI KAKINADA SEP-OCT-2011


## ବିଶ୍ୱାସ
## (Faith)

'ବିଶ୍ୱାସ'ର ଅର୍ଥ କଅଣ ? ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ଅନୁଯାୟୀ "ବିଶ୍ୱାସ" ପ୍ରତ୍ୟାଶିତ ବିଷୟର ମୂଳଭୂମି ଓ ଅଦୃଶ୍ୟ ବିଷୟର ନିଶ୍ଚିତ ଜ୍ଞାନ ।" (ଏବ୍ରୀ ୧୧ :୧) ଏବ୍ରୀ ପୁସ୍ତକ ଲେଖକ ଏଠାରେ ବିଶ୍ୱାସର ସଂଜ୍ଞା ନିରୂପଣ କରି ନାହାନ୍ତି, କିନ୍ତୁ ବିଶ୍ୱାସର ଅର୍ଥ ସଂକ୍ଷିପ୍ତରେ ବୁଝାଇବାକୁ ଚେଷ୍ଟା କରିଅଛନ୍ତି । ଈଶ୍ୱରଙ୍କ ବାକ୍ୟ ଶ୍ରବଣ କଲେ ଆମ୍ଭମାନଙ୍କ ହୃଦୟରେ ଯାହା ଜାତ ହୁଏ, ତାହା ବିଶ୍ୱାସ ବୋଲି ପାଉଲ ରୋମୀୟ ୧୦:୧୭ରେ ଲେଖନ୍ତି । ଏହା ଦ୍ୱାରା ଆମ୍ଭେମାନେ ବିନା ସନ୍ଦେହରେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରି, ତାହାଙ୍କ ଆଜ୍ଞାବହ ହେଉ । ବିଶ୍ୱାସ ଦ୍ୱାରା ଆଗାମୀ ଭରସାର ଅପେକ୍ଷାରେ ଆମ୍ଭେମାନେ ଅଛୁ ।

ଉଦାହରଣ ସ୍ୱରୂପ : ଆମେରିକାଦେଶରେ ଏକ ଅଧ୍ୟକ୍ଷ ଅଛନ୍ତି, ଇଂଲଣ୍ଡ ବୋଲି ଗୋଟିଏ ଦେଶ ଅଛି ବା ଏଭେରେଷ୍ଟ (Everest) ଉଚ୍ଚତମ ଶିଖର ବୋଲି ମୁଁ ବିଶ୍ୱାସ କରେ । ଯଦିଓ ଆମେରିକା ଦେଶ ଅଧ୍ୟକ୍ଷଙ୍କୁ, କିମ୍ବା ଉପରଲିଖିତ ପ୍ରଦେଶଗୁଡିକ ମୁଁ ସ୍ୱଚକ୍ଷୁରେ ଦେଖିନାହିଁ ? ସେଗୁଡିକର ଅସ୍ତିତ୍ୱର ଅନେକ ସାକ୍ଷ୍ୟ ଦ୍ୱାରା, ସେଗୁଡିକର ଅସ୍ତିତ୍ୱ ବିଷୟରେ ମୁଁ ବିଶ୍ୱାସ କରେ ।

ସେହିପରି ମୁଁ କେବେ ଈଶ୍ୱରଙ୍କୁ କିଅବା ଯୀଶୁଖ୍ରୀଷ୍ଟଙ୍କୁ ସ୍ୱଚକ୍ଷୁରେ ଦେଖିନାହିଁ । ମୁଁ କେବେ ସ୍ୱର୍ଗକୁ ଯାଇନାହିଁ । ତଥାପି ଈଶ୍ୱର ଓ ଯୀଶୁଖ୍ରୀଷ୍ଟ ଅଛନ୍ତି ଓ ଧାର୍ମିକମାନେ ଶେଷ ଦିନରେ ସ୍ୱର୍ଗକୁ ଯିବେ ବୋଲି ମୁଁ ବିଶ୍ୱାସ କରେ କାହିଁକି ? ସେମାନଙ୍କ ଅସ୍ତିତ୍ୱର ଅନେକ ସାକ୍ଷ୍ୟ ଦ୍ୱାରା, ଲିଖିତ ହୋଇଥିବା ଲେଖକ ଦ୍ୱାରା ମୁଁ ଈଶ୍ୱରଙ୍କ ଓ ଯୀଶୁଖ୍ରୀଷ୍ଟଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ । ତେଣୁକରି ଏହି ସବୁ ସତ୍ୟଗୁଡିକକୁ ମୁଁ ବିନା ସନ୍ଦେହରେ ଗ୍ରହଣ କରେ ।

ଏହିପରି ବିଶ୍ୱାସ ଆମ୍ଭମାନଙ୍କର ଆବଶ୍ୟକ । ବିଶ୍ୱାସ ବିନା ଆମ୍ଭେମାନେ ଦୁର୍ଭାଗ୍ୟ ଲୋକମାନଙ୍କ ସଦୃଶ୍ୟ । ଆମ୍ଭେମାନେ ପ୍ରତ୍ୟେକ ଜଣ କୌଣସି ନା କୌଣସି ନିର୍ଦ୍ଦିଷ୍ଟ ବିଷୟରେ ବିଶ୍ୱାସ କରିଥାଉ । ସେହି ବିଶ୍ୱାସ ଉତ୍ତମ ମାର୍ଗରେ ସ୍ଥାପିତ ହୋଇଥିଲେ, ତାହା ଲାଭଜନକ । ଯେପରି ଏବ୍ରୀ ୧୧:୬ ରେ ଲେଖାଯାଏ, "ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷ ପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀମାନଙ୍କ ପରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।"

ବିଶ୍ୱାସ ପରିତ୍ରାଣର ସର୍ତ୍ତାଧିନ, ଏହା ପରିତ୍ରାଣ ପ୍ରାପ୍ତି ନିମନ୍ତେ ବିଶ୍ୱାସ ଏକ ପ୍ରଧାନ ଓ ପ୍ରଥମ ସର୍ତ୍ତ । କାରଣ ବିଶ୍ୱାସ ବିନା, ଈଶ୍ୱରଙ୍କ ଅନ୍ୟ ଆଜ୍ଞାଗୁଡିକ ପାଳନ କରିବା ଅସମ୍ଭବ । ଏହି ବିଷୟ ମନେରଖି, ବିଶ୍ୱାସ ବିଷୟରେ ବାଇବଲରେ ଲିଖିତ କେତୋଟି ବାକ୍ୟ ଦେଖିବା, "କାରଣ ଈଶ୍ୱର ଜଗତକୁ ଏଡେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନକଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ" (ଯୋହନ ୩:୧୬) । ଫଲିପୀୟ କାରା ରକ୍ଷକ ପରିତ୍ରାଣ ପାଇବା ନିମନ୍ତେ ସେମାନଙ୍କୁ କଅଣ କରିବାକୁ ହେବ ବୋଲି ପାଉଲ ଓ ଶୀଲାଙ୍କୁ ପଚାରିବାରୁ, ସେମାନେ ଏପରି ଉତ୍ତର ଦେଲେ, "ପ୍ରଭୁ ଯୀଶୁଙ୍କ ଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେ ସ-ପରିବାରେ ପରିତ୍ରାଣ ପାଇବ ।" (ପ୍ରେରିତ ୧୬:୩୧) ଏହି ପଦ ଦ୍ୱାରା, କେବଳ ବିଶ୍ୱାସ ଥିଲେ ପରିତ୍ରାଣ ପାଇ ପାରିବା ବୋଲି କେତେକ ମନେ କରନ୍ତି । କିନ୍ତୁ ମାର୍କ ୧୬:୧୬ ରେ କହନ୍ତି, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ; କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।" ବିଶ୍ୱାସ, ପରିତ୍ରାଣ ମାର୍ଗର ପ୍ରଥମ ପଥ ଦର୍ଶକ ।

"କାରଣ ଆତ୍ମାବିନା ଶରୀର ଯେପରି ମୃତ, ସେହିପରି କର୍ମ ବିନା ବିଶ୍ୱାସ ମୃତ" ବୋଲି ଯାକୁବ ୨:୨୭ ରେ ଲେଖାଯାଏ । ଅତଏବ "କେବଳ ବିଶ୍ୱାସ ଦ୍ୱାରା ମନୁଷ୍ୟ ଧାର୍ମିକ ଗଣିତ ନ ହୋଇ କର୍ମ ଦ୍ୱାରା ଯେ ଧାର୍ମିକ ଗଣିତ ହୁଏ, ଏହା ତୁମ୍ଭେମାନେ ଦେଖୁଅଛ ।" (ଯାକୁବ ୨:୨୪) "ଯଦି ତୁମ୍ଭେମାନେ ମୋତେ ପ୍ରେମକର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ" ବୋଲି ପ୍ରଭୁ ଯୀଶୁ ଖ୍ରୀଷ୍ଟ ଯୋହନ ୧୪:୧୫ରେ କହିଅଛନ୍ତି । ବିଶ୍ୱାସ ଓ କର୍ମକୁ ସନ୍ନିହିତ ସମ୍ବନ୍ଧଅଛି ବୋଲି ଆମ୍ଭେମାନେ ଏହି ବାକ୍ୟଗୁଡିକରୁ ଜାଣି ପାରୁଅଛୁ । ବିଶ୍ୱାସ କିଅବା କେବଳ କର୍ମ ଆମ୍ଭମାନଙ୍କୁ ପରିତ୍ରାଣ ଦେଇପାରେ ନାହିଁ । ବିଶ୍ୱାସ ଓ କର୍ମର ଯୋଗରେ ଆମ୍ଭେମାନେ ପରିତ୍ରାଣ ପ୍ରାପ୍ତ ହୋଇପାରୁ ।

ବିଶ୍ୱାସ ଦ୍ୱାରା ଆମ୍ଭେମାନେ ମନପରିବର୍ତ୍ତନ କରି, ଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କରି, ବାପ୍ତିଜିତ ହୋଇଥାଉ । ତାହା କେବଳ ନୁହେଁ ବିଶ୍ୱାସ ଦ୍ୱାରା ଆମ୍ଭେମାନେ ଧାର୍ମିକ ଜୀବନ ଯାପନ କରି, ଆଗାମୀ ଭରସାରେ ଅପେକ୍ଷା କରୁ । କାହିଁକି ? ଯୀଶୁଖ୍ରୀଷ୍ଟ ଈଶ୍ୱରଙ୍କ ପୁତ୍ର ବୋଲି ବିଶ୍ୱାସ କରି, ଆମ୍ଭେମାନେ ଯେପରି ଅନନ୍ତ ଜୀବନ ପ୍ରାପ୍ତ ହେଉ, ସେଥିନିମନ୍ତେ ବାଇବଲ ଲିଖିତ ହୋଇଅଛି । (ଯୋହନ ୨୦:୩୦-୩୧) ଏହିପରି, ସତ୍ୟ ସୁସମାଚାରର ଆମ୍ଭେମାନେ ଆଜ୍ଞାବହ ହେବା ଦ୍ୱାରା ଅନେକ ଆଶୀର୍ବାଦ ପ୍ରାପ୍ତ ହୋଇଥାଉ ।

ଈଶ୍ୱରଙ୍କ ଠାରେ ବିଶ୍ୱାସ କରିବାରେ ଭୟ ନ କରୁ । ଆପଣଙ୍କର ବିଶ୍ୱାସ ଅଭିବୃଦ୍ଧି କରି, ଅଧିକ ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ । "କାରଣ ମୁଁ ସୁସମାଚାର ସମ୍ବନ୍ଧରେ ଲଜ୍ଜାବୋଧ କରେନାହିଁ, ଯେଣୁ ତାହା ପ୍ରତ୍ୟେକ ବିଶ୍ୱାସ ପକ୍ଷରେ କରିତ୍ରାଣ ନିମନ୍ତେ ଈଶ୍ୱରଙ୍କ ଶକ୍ତି ଅଟେ, ପ୍ରଥମତଃ ଯିହୁଦୀପକ୍ଷରେ ଆଉ ମଧ୍ୟ ଗ୍ରୀକ୍ ପକ୍ଷରେ । ସେଥିରେ ତ ଈଶ୍ୱରଦତ୍ତ ଧାର୍ମିକତା ପ୍ରକାଶିତ ହେଉଅଛି, ତାହା ବିଶ୍ୱାସ ମୂଳକ ଓ ବିଶ୍ୱାସଜନକ ଯେପରି ଲେଖାଅଛି, ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ" (ରୋମୀୟ ୧:୧୬,୧୭) ବୋଲି ପାଉଲର ଏହି ବାକ୍ୟ ଆମ୍ଭେମାନେ ସବୁବେଳେ ମନେରଖିବା ଉଚିତ । ଆମ୍ଭେମାନେ ଆମ୍ଭମାନଙ୍କ ଦୃଷ୍ଟିଶକ୍ତି ଦ୍ୱାରା ଚାଳିତ ନ ହୋଇ ବିଶ୍ୱାସ ଦ୍ୱାରା ଚାଳିତ ହେଉ ବୋଲି ବାଇବଲର ବାକ୍ୟ କହେ ।

*- J.C. Choate*

❋❋❋

# ତାଡ଼ିତ ହେବା
## (Driven out)

ସର୍ବୋପରିସ୍ଥ ସର୍ବଶକ୍ତିମାନ ପରମେଶ୍ୱର, ଛଅଦିନରେ ଏହି ବିଶ୍ୱ ଓ ତନ୍ମଧ୍ୟସ୍ଥିତ ସମସ୍ତ ସୃଷ୍ଟି କଲେ । ଆପଣା ସାଦୃଶ୍ୟରେ ମନୁଷ୍ୟଙ୍କୁ ସୃଷ୍ଟି କରିବା ପର୍ବେ, ମନୁଷ୍ୟଙ୍କୁ ଆବଶ୍ୟକତ ବିଷୟ ସବୁ ସୃଷ୍ଟି କଲେ । ଆଲୋକ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ସମୁଦ୍ରର ମତ୍ସ୍ୟ, ଆକାଶର ପକ୍ଷୀ, ବୃକ୍ଷ, ଫଳ, ପୁଷ୍ପ ପ୍ରଭୃତି ମନୁଷ୍ୟର ସୃଷ୍ଟି ହେବା ପୂର୍ବେ ସୃଷ୍ଟି ହୋଇଥିଲା । ସଦାପ୍ରଭୁ ପରମେଶ୍ୱର ମନୁଷ୍ୟର ଅନୁରୂପ ସହକାରିଣୀ ସୃଷ୍ଟି କରିଥିଲେ । ଆଦମ ଓ ତାହାଙ୍କ ଭାର୍ଯ୍ୟା ହବାଙ୍କୁ ସଦାପ୍ରଭୁ ଏକ ସୁନ୍ଦର ଉଦ୍ୟାନରେ ରଖି ପରମେଶ୍ୱର ସେମାନଙ୍କୁ ଆଶୀର୍ବାଦ କଲେ । ପୁଣି ପରମେଶ୍ୱର ସେମାନଙ୍କୁ କହିଲେ, ପ୍ରଜାବନ୍ତ ଓ

ବହୁବଂଶ ହୁଏ, ପୁଣି ପୃଥିବୀ କି ପରିପୂର୍ଣ୍ଣ କରି ବଶୀଭୂତ କର, ଆଉ ଜଳଚର ମତ୍ସ୍ୟଗଣ ଓ ଖେଚର ପକ୍ଷୀଗଣ ଓ ଭୂଚର ଉରୋଗାମୀ ଜନ୍ତୁଗଣ ଉପରେ କର୍ତ୍ତୃତ୍ୱ କର । ପରମେଶ୍ୱର ଆହୁରି କହିଲେ, ଦେଖ ଆମ୍ଭେ ଭୂମିସ୍ଥ ସବୁ ସବୀଜ ଫଳଦାୟକ ବୃକ୍ଷ ତୁମ୍ଭମାନଙ୍କୁ ଦେଲୁ, ତାହା ତୁମ୍ଭମାନଙ୍କର ଖାଦ୍ୟ ହେବ ।" (ଆଦି ୧:୨୮,୨୯) । ସଦାପ୍ରଭୁ ମନୁଷ୍ୟକୁ ନିର୍ମାଣ କରି, ଆବଶ୍ୟକୀୟ ବିଷୟ ସବୁ ପ୍ରଦାନ କଲେ । ସମସ୍ତଙ୍କ ଉପରେ କର୍ତ୍ତୃତ୍ୱ ଦେଲେ । ଦିବାବସାନ ସମୟରେ ସେମାନଙ୍କ ସହ ଏଦନ ଉଦ୍ୟାନରେ ସଦାପ୍ରଭୁ ସମୟ ବିତାଉଥିଲେ ।

ସଦାପ୍ରଭୁ ପରମେଶ୍ୱର ଆଦମ ଓ ହବାଙ୍କୁ ଆଶୀର୍ବାଦ କଲେ । ସଦାପ୍ରଭୁଙ୍କ ଆଜ୍ଞା ଦ୍ୱାରା ନିଷେଧିତ ଫଳ ନଖାଇବା ପର୍ଯ୍ୟନ୍ତ ସେମାନଙ୍କ ଜୀବନ ସୁଖମୟ ଥିଲା । କାରଣ "...ସେହି ମନୁଷ୍ୟକୁ ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଚ୍ଛନ୍ଦରେ ଭୋଜନ କରି ପାର, ମାତ୍ର ସଦ୍‌ସତ୍ ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ । ଯେହେତୁ ଯେଉଁ ଦିନ ତାହା ଖାଇବ, ସେହି ଦିନ ନିତାନ୍ତ ମରିବ ।" (ଆଦି ୨:୧୬-୧୭) । ଶୟତାନର ପ୍ରତାରଣା ଦ୍ୱାରା ସେମାନେ ନିଷେଧିତ ଫଳ ଖାଇ, ସଦାପ୍ରଭୁଙ୍କ କ୍ରୋଧର ପାତ୍ର ହେଲେ । ସେମାନଙ୍କ ଅନାଜ୍ଞାବହତା ଦ୍ୱାରା ଜଗତରେ ମୃତ୍ୟୁ ପ୍ରବେଶ କଲା, ସିଂହରୂପେ ଶୟତାନ କାହାକୁ ଗ୍ରାସିବ ବୋଲି ଖୋଜି ବୁଲୁଥାଏ । ସେ ପ୍ରତ୍ୟେକ ମନୁଷ୍ୟକୁ ବିନାଶ କରିବାରେ ଲାଗି ରହିଥାଏ ।

ମନୁଷ୍ୟ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତିରେ, ତାହାଙ୍କ ଗୌରବ ନିମନ୍ତେ ସୃଷ୍ଟି ହେଇଅଛି । କିନ୍ତୁ ମନୁଷ୍ୟ ଶୟତାନର ଫାନ୍ଦରେ ପଡି ସଦାପ୍ରଭୁଙ୍କ ଠାରୁ ଦୂରେଇ ଯାଏ । ଅନାଜ୍ଞାବହ ଆଦମ ଓ ହବା ସଦାପ୍ରଭୁଙ୍କ ଦ୍ୱାରା ଶାପଗ୍ରସ୍ତ ହୋଇ ଏଦନ ଉଦ୍ୟାନରୁ ତଡ଼ିତ ହେଲେ । ବାକ୍ୟ କହେ, "ଏହି ରୂପେ ସେ ଆଦମକୁ ତଡିଦେଲେ..।" (ଆଦି ୩:୨୪) । ଆଶୀର୍ବାଦ ପ୍ରାପ୍ତ ଆଦମ ଓ ହବା ଆଜ୍ଞାଲଙ୍ଘନ ହେତୁ ଅଭିଶପ୍ତ ହୋଇ, ସଦାପ୍ରଭୁ ସାନିଧ୍ୟରୁ ତଡ଼ିତ ହେଲେ ।

ସେମାନଙ୍କ ସନ୍ତାନ କୟିନ ଓ ହେବଲ ସଦାପ୍ରଭୁଙ୍କ ନିକଟକୁ ନୈବଦ୍ୟ ଆଣିଲେ । ସଦାପ୍ରଭୁ କୟିନଙ୍କ ଉତ୍ସର୍ଗକୁ ଅଗ୍ରାହ୍ୟ କଲେ, କିନ୍ତୁ ହେବଲଙ୍କ ବଳି ସଦାପ୍ରଭୁଙ୍କ ନିକଟରେ ଗ୍ରାହ୍ୟ ହେଲା । କ୍ରୋଧାନ୍ୱିତ କୟିନ, ଆପଣା ଭ୍ରାତାକୁ ବଧ କରି ଶାପଗ୍ରସ୍ତ ହେଲେ । ତାହାଙ୍କୁ ସଦାପ୍ରଭୁଙ୍କ ସାନିଧ୍ୟରୁ ତଡି ଦିଆଯାଇଥିଲା । "ଅନନ୍ତର କୟିନ ସଦାପ୍ରଭୁଙ୍କ ସମ୍ମୁଖରୁ ପ୍ରସ୍ଥାନ କରି ଏଦନର ପର୍ବଦିଗସ୍ଥ ନୋଦ ନାମକ ଦେଶରେ ବାସ କଲେ ।" (ଆଦି ୪:୧୬) ।

ଦ୍ୱିତୀୟ ରାଜାବଳିର ପୁସ୍ତକ ପଞ୍ଚମ ଅଧ୍ୟାୟରେ, ସିରିଆ ଦେଶସ୍ଥ କୁଷ୍ଠୀ ସେନାପତି ସୁସ୍ଥ ହେବାର କାହାଣୀ ପଢ଼ିଥାଉ । ଭାବବାଦୀଙ୍କ ଆଜ୍ଞାନୁଯାୟୀ ସେ ଯର୍ଦ୍ଦନ

ନଦୀରେ ସାତଥର ବୁଡିବା ଦ୍ୱାରା ତାହାଙ୍କ ମାଂସ ପୁନଃର୍ବାର କ୍ଷୁଦ୍ର ବାଳକର ମାଂସ ତୁଲ୍ୟ ହେଲା । ଭାବବାଦୀ ଇଲିଶାୟ ନାମାନ୍‌ଙ୍କ ଦତ୍ତ ଉପହାର ଗ୍ରହଣ କରିବାକୁ ସମତ ନ ହେବାରୁ ତାହାଙ୍କ ଦାସ ଗିହେଜୀ ତାହା ଗ୍ରହଣ କରିବା ନିମନ୍ତେ ତାହାଙ୍କ ପଛେ ଦୌଡ଼ି ତାହା ଗ୍ରହଣ କରିଥିଲେ । ତାହାଙ୍କ ଲୋଭ ହେତୁ ସେ ଭାବବାଦୀଙ୍କ ଦ୍ୱାରା ଅଭିଶପ୍ତ ହୋଇ ଭାବବାଦୀଙ୍କ ସମ୍ମୁଖରୁ ସଦାପ୍ରଭୁଙ୍କ ସାନିଧ୍ୟରୁ ତଡିତ ହେଲେ । ବିଜାତୀୟ ନାମାନ୍ ସଦାପ୍ରଭୁଙ୍କ ଦ୍ୱାରା ଆଶୀର୍ବାଦ ହେଲେ । କିନ୍ତୁ ସଦାପ୍ରଭୁଙ୍କ ସାନିଧ୍ୟରେ ନିବାସ କରୁଥିବା ଗିହେଜୀ ବାହାରକୁ ତାଡିତ ହେଲେ । (୨ୟ ରାଜାବଳି ୫ମ ଅଧ୍ୟାୟ) ।

ଯିହୂଦାର ରାଜା ଉଷିୟ ଆପଣା ରାଜୁତିର ପ୍ରାରମ୍ଭରେ ସଦାପ୍ରଭୁଙ୍କ ଅନ୍ୱେଷଣ କଲେ । "...ସେ ଯେତେକାଳ ସଦାପ୍ରଭୁଙ୍କର ଅନ୍ୱେଷଣ କଲେ, ସେତେ କାଳ ପରମେଶ୍ୱର ତାହାଙ୍କୁ କୃତକାର୍ଯ୍ୟ ହେବାକୁ ଦେଲେ..." । (୨ବଂଶାବଳି ୨୦:୫) । ମାତ୍ର ସେ ବଳବାନ ହୁଅନ୍ତେ ତାଙ୍କର ଅନ୍ତଃକରଣ ଉଦ୍ଧତ ହେଲା, ସେ ଦୂରାଚରଣ କରି ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ବିରୁଦ୍ଧରେ ସତ୍ୟଲ ଙ୍ଘନ କଲେ, କାରଣ ସେ ଧୂପବେଦିରେ ଧୂପ ଜଳାଇବା ନିମନ୍ତେ ସଦାପ୍ରଭୁ ମନ୍ଦିରକୁ ଗଲେ । "...ପୁଣି ସେମାନେ ଉଷିୟ ରାଜାଙ୍କୁ ନିବାରଣ କରି ତାଙ୍କୁ କହିଲେ, ହେ ଉଷିୟ, ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଧୂପ ଜଳାଇବା ପାଇଁ ଆପଣଙ୍କର ଅଧିକାର ନାହିଁ । ମାତ୍ର ହାରୋଣଙ୍କର ସନ୍ତାନ ଯେଉଁ ଯାଜକମାନେ ଧୂପ ଜଳାଇବା ପାଇଁ ପବିତ୍ରୀକୃତ ହୋଇଅଛନ୍ତି, ସେମାନଙ୍କର ଅଧିକାର ଅଟେ । ପବିତ୍ର ସ୍ଥାନରୁ ବାହାରି ଯାଉନ୍ତୁ । ଏହା ସଦାପ୍ରଭୁ ପରମେଶ୍ୱରଙ୍କ ଠାରୁ ଗୌରବାର୍ଥେ ହେବ ନାହିଁ । ସେତେବେଳେ ଉଷିୟ କୋପାନ୍ୱିତ ହେଲେ ପୁଣି ଧୂପ ଜଳାଇବା ନିମନ୍ତେ ତାଙ୍କର ହସ୍ତରେ ଧୂପାଶ ଥିଲା । ପୁଣି ସେ ଯାଜକ ପ୍ରତି କୋପାନ୍ୱିତ ଥାଉ ଥାଉ ସଦାପ୍ରଭୁଙ୍କ ଗୃହରେ ଯାଜକମାନଙ୍କ ସାକ୍ଷାତରେ ଧୂପବେଦି ନିକଟରେ ତାଙ୍କର କପାଳରେ କୁଷ୍ଠ ପ୍ରକାଶ ପାଇଲା । ତହିଁରେ ପ୍ରଧାନ ଯାଜକ ଅସରୀୟ ଓ ଅନ୍ୟ ସକଳ ଯାଜକ ତାଙ୍କ ଅନାନ୍ତେ, ତାଙ୍କର କପାଳରେ କୁଷ୍ଠ ହୋଇଅଛି, ତହୁଁ ସେମାନେ ଶୀଘ୍ର ତାଙ୍କୁ ସେଠାରୁ ତଡି ଦେଲେ, ମଧ୍ୟ ସେ ଆପେ ବାହାରି ଯିବା ପାଇଁ ଚଞ୍ଚଳ ହେଲେ କାରଣ ସଦାପ୍ରଭୁ ତାଙ୍କୁ ଆଘାତ କରିଥିଲେ ।" (୨ ବଂଶାବଳୀ ୨୬:୨୦) । ସଦାପ୍ରଭୁଙ୍କ ଗୃହରୁ ଉଚ୍ଛିନ୍ନ ରାଜା ଉଷିୟଙ୍କ ମରଣଦିନ ପର୍ଯ୍ୟନ୍ତ କୁଷ୍ଠୀ ହୋଇ ପୃଥକ ଗୃହରେ ରହିଲେ ।

ଆମ୍ଭମାନଙ୍କ ତ୍ରାଣକର୍ତ୍ତା ପରମେଶ୍ୱର ଏହି ଜଗତରେ ଥିଲା ବେଳେ ବାରଜଣ ଶିଷ୍ୟ ମନୋନୀତ କରିଥିଲେ । ସେମାନଙ୍କୁ ପ୍ରେରିତ ନାମ ଦେଲେ । ସେମାନେ ଯୀଶୁଙ୍କ ତିନିବର୍ଷ ପରିଚର୍ଯ୍ୟା ସମୟରେ ତାହାଙ୍କ ସହିତ ସହଚରୀ ଥିଲେ । ଯୀଶୁଖ୍ରୀଷ୍ଟ ପାଞ୍ଚ ହଜାର ପୁରୁଷ ଓ ଅସଂଖ୍ୟ ସ୍ତ୍ରୀ ଓ ବାଳକ ବାଳିକା ମାନଙ୍କୁ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ଭୋଜନ ପ୍ରଦାନ କରିବା ବେଳେ ସେମାନେ ପରିବେଷଣ କରିଥିଲେ ।

ଯୀଶୁ ଅନେକ ରୋଗୀମାନଙ୍କୁ ସୁସ୍ଥ କରିବା ସମୟରେ, ଯୀଶୁ ତୁଫାନକୁ ଧମକ ଦେବା ସମୟରେ ଜଳ ଉପରେ ଚାଲିବା ସମୟରେ, ଅଶୁଚି ଆତ୍ମାମାନଙ୍କୁ ଧମକ ଦେବା ସମୟରେ, ଜଳ ଉପରେ ଚାଲିବା ସମୟରେ, ଯାଇରସଙ୍କ ବାରବର୍ଷ ବୟସ୍କା କନ୍ୟାକୁ ମୃତ୍ୟୁରୁ ଜୀବିତ କରିବା ସମୟରେ ଯୀଶୁ ସହିତ ରହି ପରିଚର୍ଯ୍ୟା କରିଥିଲେ । ନାଇନ ନଗରସ୍ଥ ବିଧବା ସ୍ତ୍ରୀର ପୁତ୍ରକୁ ଓ ମୃତ ଲାଜରଙ୍କ ଜୀବନ ଦାନର ସ୍ୱଚକ୍ଷୁ ସାକ୍ଷୀ ଥିଲେ ।

ଯୀଶୁ କହିଲେ, "ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ସେହି ଜୀବନ୍ତ ଆହାର...ଯେ ମୋହର ମାଂସ ଭୋଜନ କରେ ଓ ମୋ ରକ୍ତ ପାନ କରେ ସେ ମୋ ଠାରେ ରୁହେ, ଓ ମୁଁ ତାହାଠାରେ ରହେ,...ସେହି ସମୟ ଠାରୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକ ବିମୁଖ ହୋଇ ବାହାରିଗଲେ । ପୁଣି ତାହାଙ୍କ ସାଙ୍ଗରେ ଗମନାଗମନ କଲେ ନାହିଁ । ସେଥିରେ ଯୀଶୁ ଦ୍ୱାଦଶଙ୍କୁ ପଚାରିଲେ, ତୁମ୍ଭେମାନେ ମଧ୍ୟ କଅଣ ଚାଲିଯିବାକୁ ଇଚ୍ଛା କରୁଛନ୍ତି ? ଶିମୋନ ପିତର ତାହାଙ୍କୁ ଉତ୍ତର ଦେଲେ, ପ୍ରଭୋ, କାହା ପାଖକୁ ଯିବା ? ଆପଣଙ୍କ ପାଖରେ ଅନନ୍ତ ଜୀବନର ବାକ୍ୟ ଅଛି । ଆଉ ଆପଣ ଯେ ଈଶ୍ୱରଙ୍କର ସେହି ପବିତ୍ର ପୁରୁଷ ଏହା ଆମ୍ଭେମାନେ ବିଶ୍ୱାସ କରିଅଛୁ ଓ ଜାଣିଅଛୁ । ଯୀଶୁ ସେମାନଙ୍କ ଉତ୍ତର ଦେଲେ, ମୁଁ କଅଣ ତୁମ୍ଭମାନଙ୍କୁ ମନୋନୀତ କରି ନାହିଁ? ଆଉ ତୁମ୍ଭମାନଙ୍କ ମଧ୍ୟରୁ ଜଣେ ଶୟତାନ । ସେ ଇଷ୍କରିୟୋଥ ଶିମୋନର ପୁତ୍ର ଯିହୂଦାକୁ ଲକ୍ଷ୍ୟ କରି ଏହା କହିଲେ, କାରଣ ସେ ଦ୍ୱାଦଶଙ୍କ ମଧ୍ୟରେ ଜଣେ, ଆଉ ସେ ତାହାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିବାକୁ ଯାଉଥିଲେ ।" (ଯୋହନ ୫୧:୭୧) ।

ଇଷ୍କାରିଥ୍ ଯିହୂଦା ଯୀଶୁଙ୍କ ମନୋନୀତ ବାରଜଣ ପ୍ରେରିତମାନଙ୍କ ମଧ୍ୟରୁ ଜଣେ ଥିଲେ । ଯୀଶୁ ଓ ତାହାଙ୍କ ଶିଷ୍ୟମାନଙ୍କ ଟଙ୍କାର ଥଳି ତାହାଙ୍କ ପାଖରେ ଥିଲା (ଯୋହନ ୧୨:୬) । ଯୀଶୁଖ୍ରୀଷ୍ଟ ତାହାଙ୍କ ମନୋନୀତ ଦ୍ୱାଦଶଙ୍କୁ ଦ୍ୱାଦଶ ସିଂହାସନରେ ଉପବେଶନ କରି ଇସ୍ରାଏଲର ଦ୍ୱାଦଶ ଗୋଷ୍ଠୀକି ଶାସନ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ । (ମାଥିଉ ୧୯:୨୮) । ତଥାପି ବାରଜଣ ଶିଷ୍ୟ ମଧ୍ୟରୁ ଇଷ୍କାରିଥ୍ ତ୍ରାଣକର୍ତ୍ତାଙ୍କୁ ଶତ୍ରୁ ହସ୍ତରେ ସମର୍ପଣ କରିଥିଲା ।

ଯୀଶୁଖ୍ରୀଷ୍ଟ ଶତ୍ରୁହସ୍ତରେ ସମର୍ପଣ ହେବା ରାତ୍ରିରେ, ଯୀଶୁ କହିଲେ, "ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ତୁମ୍ଭମାନଙ୍କ ମଧ୍ୟରୁ ଜଣେ ଶତ୍ରୁହସ୍ତରେ ସମର୍ପଣ କରିବ...ଯାହା ନିମନ୍ତେ ମୁଁ ଏହି ରୋଟୀ ଖଣ୍ଡକ ବୁଡାଇବି ଓ ଯାହାକୁ ଦେବି ସେ ତହିଁରେ ସେ ରୋଟୀ ଖଣ୍ଡକ ବୁଡାଇ ତାହା ଘେନି ଇଷ୍କାରିଆୟୋତୀୟ ଶିମୋନର ପୁତ୍ର ଯିହୂଦାକୁ ଦେଲେ । ସେ ରୋଟୀ ଖଣ୍ଡକ ପାଇଲା ଉତ୍ତାରେ ଶୟତାନ ତାହା ମଧ୍ୟରେ ପରବେଶ କଲା... ରୋଟୀ ଖଣ୍ଡକ ଗ୍ରହଣ କରି ସେ ତତ୍‌କ୍ଷଣାତ୍ ବାହାରି ଗଲା, ସେତେବେଳେ ରାତ୍ରିକାଳ ।"(ଯୋହନ ୧୩:୨୧-୨୭) ।

ଇଷ୍କାରିତ୍ ଯିହୂଦା ଯୀଶୁଖ୍ରୀଷ୍ଟଙ୍କ ପ୍ରେରିତମାନଙ୍କୁ ଦତ୍ତ ହେଇଥିବା ଆଶୀର୍ବାଦ ସକଳରୁ ବଞ୍ଚିତ ହୋଇ, ଶେଷରେ ଆତ୍ମହତ୍ୟା କରିଥିଲେ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି । ଏଣୁ ଏଯ ଆପଣାକୁ ସ୍ଥିର ବୋଲି ମନେ କରେ ସେ ଯେପରି ପତିତ ନହୁଏ, ଏଥିନିମନ୍ତେ ସେ ସାବଧାନ ହେଉ । (୧ମ କରିନ୍ଥୀ ୧୦:୧୨) ।

ଆମ୍ଭେମାନେ ସଦାପ୍ରଭୁ ପରମେଶ୍ୱରଙ୍କ ସନ୍ତାନ ଅଟୁଁ । ସମସ୍ତ ଆଶୀର୍ବାଦର ପ୍ରାପ୍ତ ଅଟୁଁ । ସମସ୍ତ ପ୍ରତିଜ୍ଞା ଆମ୍ଭମାନଙ୍କ ନିମନ୍ତେ । ଆମ୍ଭେମାନେ ଯେତେଦିନ ପର୍ଯ୍ୟନ୍ତ ତାହାଙ୍କ ଆଜ୍ଞାପାଳନ କରି ଜୀବନ ଯାପନ କରୁ । ସେତେ ଦିନ ପର୍ଯ୍ୟନ୍ତ ତାହାଙ୍କ ଆଶୀର୍ବାଦ ସକଳର ଅଧିକାରୀ । ତାହାଙ୍କର ଆଜ୍ଞାର ଅବଜ୍ଞାକାରୀମାନେ ତାହାଙ୍କ ସାନିଧ୍ୟରୁ ତାଡିତ ହେବେ । ତାହାଙ୍କ ଅନୁଗ୍ରହରୁ ପତିତ ହେବେ ।

ସଦାପ୍ରଭୁ ଆପଣାକୁ ଆଶୀର୍ବାଦ କରନ୍ତୁ ।

***– Kabita Gootam***

❋❋❋

# ପରମେଶ୍ୱର ଅଛନ୍ତି
## (There is a God)

ଆପଣଙ୍କ ଚତୁର୍ଦ୍ଦିଗସ୍ଥ ପୃଥିବୀ, ଜଳ, ନଦନଦୀ, ପର୍ବତ, ଗଛପତ୍ର, ପଶୁପକ୍ଷୀ, ମାନବ ଜଗତକୁ ନୀରକ୍ଷଣ କର । ସେ ଗୁଡିକର ଅସ୍ତିତ୍ୱ ଅଛି । ଏସବୁ କେଉଁଠୁ ଉଦ୍ଭବ ? ସର୍ବଶକ୍ତିମାନଙ୍କ ଜୀବିତ ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟି । ଏ ଜଗତରେ ଏପରି ବର୍ଗର ଲୋକ ଏଛନ୍ତି । ଯେଉଁମାନେ ସତ୍ୟ ଜୀବିତ ପରମେଶ୍ୱରଙ୍କ ଅସ୍ତିତ୍ୱ ନାସ୍ତି କରନ୍ତି । ସତ୍ୟ ଜୀବିତ ସୃଷ୍ଟିକର୍ତ୍ତାଙ୍କ ବିନୁ ଏ ସୃଷ୍ଟି ଅସମ୍ଭବ । ସଦାପ୍ରଭୁଙ୍କ ଠାରେ ଅବିଶ୍ୱାସ କରିବା ଠାରୁ ବିଶ୍ୱାସ କରିବା ସହଜ । ଦାଉଦ କହନ୍ତି, "ମୂଢ଼ ମନେ ମନେ କହିଅଛି, ପରମେଶ୍ୱର ନାହାନ୍ତି ।" (ଗୀତ ୧୪:୧) ।

ମନୁଷ୍ୟ ନଦନଦୀ, ପର୍ବତଗଣ ଆପେ ଆପେ ସୃଷ୍ଟ ନୁହେଁ । ସେହି ସୃଷ୍ଟିକର୍ତ୍ତା ସର୍ବଶକ୍ତିମାନ ଦ୍ୱାରା ସୃଷ୍ଟି ଅଟନ୍ତି । "...ସେ ଆକାଶ ମଣ୍ଡଳ, ପୃଥିବୀ, ସମୁଦ୍ର ଓ ସେ ସମସ୍ତ ସୃଷ୍ଟି କରିଅଛନ୍ତି ।" (ପ୍ରେରିତ ୧୪;୧୫) । "ସମସ୍ତ ସୃଷ୍ଟି ପରମେଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରେ । ଆକାଶ ମଣ୍ଡଳ ପରମେଶ୍ୱରଙ୍କ ଗୌରବ ବର୍ଣ୍ଣନା କରେ, ଶୂନ୍ୟମଣ୍ଡଳ ତାହାଙ୍କ ହସ୍ତକୃତ କର୍ମ ପ୍ରକାଶ କରେ ।" (ଗୀତ ୧୯;୧) ବାଇବଲ ପ୍ରଥମ ବାକ୍ୟ ଆଦି ୧:୧ ପଦ ନୁହେଁ, "ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କଲେ ।" ଏଠାରେ ପରମେଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ ପ୍ରମାଣ କରିବା ନିମନ୍ତେ ଚେଷ୍ଟା କରା

ଯାଇନାହିଁ । ମନୁଷ୍ୟକୁ ସେହି ପିତା ପରମେଶ୍ୱର ଆପଣା ପ୍ରତିମୂର୍ତ୍ତିରେ ନିର୍ମାଣ କରି ଅଛନ୍ତି । ଆଦି ୧:୨୭) । ଆପଣା ଠାରୁ ଅଧିକ ଶକ୍ତିଶାଳୀ ସତ୍ୟ ସତ୍ୟ ପରମେଶ୍ୱରଙ୍କ ଠାରେ ମନୁଷ୍ୟ ଆରାଧନା କରେ ।

କିନ୍ତୁ ଏହି ଜଗତରେ ଅନେକେ ବହୁ ଦୌବତ୍ୱରେ ବିଶ୍ୱାସ କରନ୍ତି । କାଠ ଓ ପଥର ନିର୍ମିତ ପ୍ରସ୍ତରର ମୂର୍ତ୍ତି ଗୁଡିକୁ ପ୍ରଣାମ କରନ୍ତି । ଅନେକେ ଏହି ଜଗତରେ ମନୁଷ୍ୟମାନଙ୍କୁ ଆରାଧନା କରନ୍ତି । ପଶୁ, ପକ୍ଷୀ, ନଦୀ, ସୂର୍ଯ୍ୟ ଚନ୍ଦ୍ର, ନକ୍ଷତ୍ର ଅନେକଙ୍କ ଆରାଧ ଦେବତା । ଅନେକେ ଶୟତାନର ସେବା କରନ୍ତି । କିନ୍ତୁ ଯୀଶୁ କହିଲେ, "...ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ,ପୁଣି କେବଳ ତାହାଙ୍କର ଉପାସନା କରିବ ।" (ମାଥିଉ ୪:୧୦) । ସତ୍ୟ ପରମେଶ୍ୱରଙ୍କୁ ଉପାସନା କରିବ ଲୋକେ ମନୁଷ୍ୟମାନଙ୍କ ପଥର କିଅବା କୌଣସି ପ୍ରତିମାର ଉପାସନା କରନ୍ତି ନାହିଁ ।

ବାଇବଲରେ ବର୍ଣ୍ଣିତ ପରମେଶ୍ୱର ଆମ୍ଭମାନଙ୍କୁ ପ୍ରେମ କରନ୍ତି, ଭରସା ଦିଅନ୍ତି । ସାହାଯ୍ୟ କରନ୍ତି, ଆମ୍ଭମାନଙ୍କୁ ନିତ୍ୟଜୀବନ ଦେବାକୁ ଇଚ୍ଛା କରନ୍ତି । "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ । (ଯୋହନ ୩:୧୬) । ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ । କାରଣ ଈଶ୍ୱର ତ ପ୍ରେମ ।" (୧ମ ଯୋହନ ୪:୧୦) ।

"ତୁମ୍ଭମାନଙ୍କ ପିତା ଯେପରି ଦୟାଳୁ ତୁମ୍ଭେମାନେ ସେପରି ଦୟାଳୁ ହୁଅ ।" ଲୂକ ୬:୩ । ପ୍ରେରିତ ପାଉଲ ପିତା ପରମେଶ୍ୱରଙ୍କ ଦୟାଳୁତ୍ୱ ବିଷୟରେ ରୋମିୟ ୨:୪ ପଦରେ ବର୍ଣ୍ଣନା କରି ଅଛନ୍ତି । ପିତା ପରମେଶ୍ୱର ଆମ୍ଭମାନଙ୍କ ପାପକ୍ଷମା ଓ ନୂତନ ଜୀବନ ପ୍ରତିଜ୍ଞା କରି ଅଛନ୍ତି । ଯେଉଁମାନେ ଯୀଶୁଖ୍ରୀଷ୍ଟଙ୍କୁ ବାପ୍ତିସ୍ମ ଦ୍ୱାରା ଗ୍ରହଣ କରି ଅଛନ୍ତି । ସେମାନେ ନୂତନ ସୃଷ୍ଟି । (୨ କରିନ୍ଥୀ ୫:୧୭) ।

ବାଇବଲରେ ବର୍ଣ୍ଣିତ ଏହି ପରମେଶ୍ୱର କିଏ ? ସେ ପବିତ୍ର, ଧାର୍ମିକ, ଉତ୍ତମ, ନ୍ୟାୟୀ, ପ୍ରତିଜ୍ଞାର ବିଶ୍ୱସ୍ତ, ଅଦୃଶ୍ୟ, ସିଦ୍ଧ, ସର୍ବଜ୍ଞାନୀ, ସର୍ବବ୍ୟାପୀ, ସର୍ବଶକ୍ତିମାନ, ଆଦି ଓ ଅନନ୍ତ ଅଟନ୍ତି । (୨ ତୀମଥି ୧:୧୭, ଯାକୁବ ୧:୧୭, ମାଥିଉ, ୧୯:୧୭, ୧ମ ପିତର ୪:୧୯, ଯୋହନ ୨:୨୪, ପ୍ରେରିତ ୧୦;୩୪,୩୫, ୧ମ ପିତର ୧:୧୬, ଏବ୍ରୀ ୪:୧୩, ୧ମ କରିନ୍ଥୀ ୧୦:୨୬) । ସେ ଆରାଧନୀୟ ପରମେଶ୍ୱର ଅଟନ୍ତି ।

ପରମେଶ୍ୱରଙ୍କୁ ଅମାନ୍ୟ କଲେ ତାହାଙ୍କୁ ଅଗ୍ରାହ୍ୟ କରିବା ପ୍ରତ୍ୟେକଜାତି ବିନଷ୍ଟ ହେବେ । (ଗୀତ ୯:୧୭) । ପରମେଶ୍ୱରଙ୍କ ବାକ୍ୟ ଅଗ୍ରାହ୍ୟକାରୀ ରୋମଗ୍ରିସ୍ ଓ କଲଦୀୟ ଜାତି ସଦୃଶ୍ୟ ଆଧୁନିକ ଦେଶମାନଙ୍କ ଗତି ହେବ । ପରମେଶ୍ୱର ଏକ ଓ ଅଦ୍ୱିତୀୟ

ଅଟନ୍ତି, ତାହାଙ୍କ ଠାରେ ତିନୋଟି ବ୍ୟକ୍ତିତ୍ୱ ପ୍ରତିଫଳିତ ହୁଏ । ପିତା, ପୁତ୍ର ଓ ପବିତ୍ର ଆତ୍ମା ଏକ ଏବଂ ଅଭିନ୍ନ ପରମେଶ୍ୱର ଅଟନ୍ତି । (ମାଥିଉ ୨୮:୨୯, ଏଫିସୀ ୪:୪-୬) ।

ସଦାପ୍ରଭୁ ପରମେଶ୍ୱର ମନୁଷ୍ୟଙ୍କୁ ସୃଷ୍ଟି କରି ତାହାଙ୍କ ଗୌରବାର୍ଥେ ଏହି ଜଗତରେ ସ୍ଥାପିତ କରିଥିଲେ । ପ୍ରେରିତ ପାଉଲ ଆଥେନୀବାସୀ ମାନଙ୍କୁ କହିଲେ । "ଯେଉଁ ଈଶ୍ୱର ଜଗତ ଓ ତନ୍ମଧ୍ୟସ୍ଥିତ ସମସ୍ତ ପଦାର୍ଥ ସୃଷ୍ଟି କରିଅଛନ୍ତି, ସେ ସ୍ୱର୍ଗ ଓ ପୃଥିବୀର ପ୍ରଭୁ ହେବାରୁ ହସ୍ତନିର୍ମିତ ମନ୍ଦିର ସମୂହରେ ବାସ କରନ୍ତି ନାହିଁ–ଆଉ ସେ ପୃଥିବୀର ସର୍ବତ୍ର ବାସ କରିବା ନିମନ୍ତେ ଏକ ବ୍ୟକ୍ତିଠାରୁ ସମସ୍ତ ମାନବଜାତି ସୃଷ୍ଟି କରିଅଛନ୍ତି । ସେମାନଙ୍କର ନିର୍ଦ୍ଦିଷ୍ଟକାଳ ଓ ନିବାସର ସୀମା ସ୍ଥିର କରିଅଛନ୍ତି । ସେମାନେ ଯେପରି ଈଶ୍ୱରଙ୍କର ଅନ୍ୱେଷଣ କରି କାଳେ ଦରାଣ୍ଡି ତାହାଙ୍କର ଉଦ୍ଦେଶ୍ୟ ପାଇ ପାରନ୍ତି, ଯଦ୍ୟପି ସେ ଆମ୍ଭମାନଙ୍କର କାହାରି ଠାରୁ ଦୂରରେ ନାହାନ୍ତି । (ପ୍ରେରିତ ୧୭:୨୪,୨୬,୨୭) । ଏହି ଜଗତରେ ବାସ କରି, ତାହାଙ୍କୁ ଅନ୍ୱେଷଣ କରି, ଆରାଧନା କରିବା ହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ଆଜ୍ଞାବହତା ଓ ବିଶ୍ୱସ୍ତ ଜୀବନ ଦ୍ୱାରା ଆମ୍ଭେମାନେ ସ୍ୱର୍ଗରେ ପ୍ରଚୁରଭାବେ ପୁରସ୍କୃତ ହେବା । "ଆଉ ବିଶ୍ୱାସ ବିନା ତାହାଙ୍କ ସନ୍ତୋଷପାତ୍ର ହେବା ଅସମ୍ଭବ, କାରଣ ଈଶ୍ୱର ଯେ ଅଛନ୍ତି, ଆଉ ସେ ଯେ ତାହାଙ୍କ ଅନ୍ୱେଷଣକାରୀ ମାନଙ୍କର ପୁରସ୍କାର ଦାତା, ଏହା ତାହାଙ୍କ ଛାମୁକୁ ଆସିବା ଲୋକର ବିଶ୍ୱାସ କରିବା ଆବଶ୍ୟକ ।" (ଏବ୍ରୀ ୧୧:୬) ।

ଆପଣ କି ସର୍ବଶକ୍ତିମାନ ପରମେଶ୍ୱରଙ୍କୁ ବ୍ୟକ୍ତିଗତ ଭାବେ ବିଶ୍ୱାସ କରୁଅଛନ୍ତି । ତାହାଙ୍କୁ ଅନ୍ୱେଷଣ କର, ମନପରିବର୍ତ୍ତନ କରି ତାହାଙ୍କ ଠାରେ ଆପଣ ବିଶ୍ୱାସ ସ୍ୱୀକାର କର । ପାପକ୍ଷମା ନିମନ୍ତେ ଜଳରେ ବାପ୍ତିସ୍ମ ଗ୍ରହଣ କର । (ପ୍ରେରିତ ୨;୨୮) । ଏତଦ୍ୱାରା ପିତା ପରମେଶ୍ୱର, ଆପଣା ପରିବାର ରୂପ ମଣ୍ଡଳୀରେ ଆପଣଙ୍କୁ ସ୍ଥାନ ଦେବେ । ସେ ତୁମ୍ଭର ପିତା ଓ ଅନ୍ୟ ସଭ୍ୟମାନେ ଭ୍ରାତା ଓ ଭଗିନୀ ହେବେ । (ଗାଲାତୀ ୪:୬, ଏଫିସୀ ୩:୧୪-୫, ରୋମୀୟ ୧୨:୪,୫) । ଆପଣ ଖ୍ରୀଷ୍ଟଙ୍କ ଏକ ଶିଷ୍ୟ ଓ ଜଣେ ଖ୍ରୀଷ୍ଟିୟାନ ହୋଇପାରିବ ।

***– E. Claude Gardner***

❃❃❃

# ସତ୍ୟତା

## (Truth)

ବିକ୍ରିତ ହେଉଥିବା ସମସ୍ତ ପଦାର୍ଥରୁ ସତ୍ୟତା ସବୁଠାରୁ ମୂଲ୍ୟବାନ । "ସତ୍ୟତା କିଣ, ପୁଣି ତାହା ବିକ ନାହିଁ ।" (ହିତ-୨୩:୨୩) ବୋଲି ଜ୍ଞାନୀ ଶଲୋମନ ଉପଦେଶ ଦେଇ ଅଛନ୍ତି । ଯେଉଁ ପରମେଶ୍ୱରଙ୍କ ଠାରେ କ୍ଲେଶ ମାତ୍ର, ମିଥ୍ୟା ନାହିଁ , ତାହାଙ୍କ ଠାରୁ ସତ୍ୟତା ଆସେ । (ଏବ୍ରୀ ୬:୧୮) । ଅସତ୍ୟତା ବା ମିଥ୍ୟା ଶୟତାନରୁ ଆସେ । ତାହା କ୍ଲେଶ ସତ୍ୟ ନାହିଁ, ସେ ମିଥ୍ୟାର ଜନକ । (ଯୋହନ ୮:୪୪) ।

ନର ଅବତାରଧାରୀ ପରମେଶ୍ୱରଙ୍କ ଅଦ୍ୱିତୀୟ ପୁତ୍ର କହିଲେ, "ତୁମ୍ଭେମାନେ ସତ୍ୟ ଜ୍ଞାତ ହେବ ଓ ସେହି ସତ୍ୟ ତୁମ୍ଭମାନଙ୍କୁ ମୁକ୍ତ କରିବ ।" (ଯୋହନ ୮:୩୨) । ସତ୍ୟତା ସୁବର୍ଣ୍ଣ ଠାରୁ ମୂଲ୍ୟବାନ । ଭକ୍ତ ଲୋକେ ତାହା ଅନ୍ୱେଷଣ କଲେ, ଯୁଦ୍ଧ କଲେ ଓ ସତ୍ୟ ନିମନ୍ତେ ମୃତ୍ୟୁ ଭୋଗିଲେ । ସତ୍ୟତାରେ ଭୟ ନଥାଏ । କୌଣସି ବିଷୟ ଗୁପ୍ତ ନଥାଏ । ସତ୍ୟତା, ଯେକୌଣସି ଅନୁସନ୍ଧାନ ଦ୍ୱାରା ସତ୍ୟ ବୋଲି ପ୍ରମାଣିତ ହୁଏ । ସତ୍ୟତା ଆମ୍ଭେମାନେ ବିଶ୍ୱାସ  କରୁ ଓ ପାଳନ କରୁ । ସତ୍ୟତା ଉପରେ ନିର୍ଭର କରି ଜୀବନଯାପନ କରୁ । ଯୀଶୁଖ୍ରୀଷ୍ଟଙ୍କ ସତ୍ୟତା ଦ୍ୱାରା ମାନବ ଜଗତ ବିଚାରିତ ହେବେ । । ଯେହେତୁ ସେ କହନ୍ତି, "ଯେ ମୋତେ ଅଗ୍ରାହ୍ୟ କରେ ଓ ମୋହର ବାକ୍ୟ ଗ୍ରହଣ କରେ ନାହିଁ । ତାହାର ବିଚାର କର୍ତ୍ତା ଅଛି, ମୁଁ ଯେଉଁ ବାକ୍ୟ କହିଅଛୁ, ତାହା ଶେଷ ଦିନରେ ତାହାର ବିଚାର କରିବ ।" (ଯୋହନ ୧୨:୪୮) ।

ତଥାପି, ପିଲାଙ୍କ ସଦୃଶ୍ୟ ଅନେକେ, "ସତ୍ୟ କଅଣ ?" (ଯୋହନ ୧୮:୩୮) । ବୋଲି ପ୍ରଶ୍ନ କରନ୍ତି । ଏହାର ଉତ୍ତର ଆମ୍ଭେମାନେ ପ୍ରଭୁ ଯୀଶୁଙ୍କ ପ୍ରାର୍ଥନାରେ ପାଇପାରୁ, ଯାହା କେହି "ସତ୍ୟ ଦ୍ୱାରା ସେମାନଙ୍କୁ ପବିତ୍ର କର, ତୁମ୍ଭର ବାକ୍ୟ ତ ସତ୍ୟ ।" (ଯୋହନ ୧୭:୧୭) । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, "ସମସ୍ତେ ଯେପରି ପରିତ୍ରାଣ ଓ ସତ୍ୟ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହୁଅନ୍ତି, ଏହା ସେ ଇଚ୍ଛା କରନ୍ତି ।" (୧ମ ତୀମଥି ୨:୪) । "କାରଣ ବ୍ୟବସ୍ଥା ମୋଶାଙ୍କ ଦ୍ୱାରା ପ୍ରଦତ୍ତ ହେଲା, କିନ୍ତୁ ଅନୁଗ୍ରହ ଓ ସତ୍ୟ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଉପସ୍ଥିତ ହେଲା ।" (ଯୋହନ ୧:୧୭) । ଯେ କି, "...ପଥ, ସତ୍ୟ ଓ ଜୀବନ ।" (ଯୋହନ ୧୪:୬) ।

ଅନନ୍ତଜୀବୀ ଆତ୍ମାର ରକ୍ଷା କରିବାକୁ ଓ ଶୟତାନର ଦମନରୁ ମୁକ୍ତ କରିବାକୁ ସକ୍ଷମ ସତ୍ୟତାର ଅନୁସନ୍ଧାନର ଖଣିଜ, ଈଶ୍ୱରଙ୍କ ବାକ୍ୟ 'ବାଇବଲ' ଅଟେ । ସତ୍ୟରୂପେ ସତ୍ୟର ଅନୁସନ୍ଧାନକାରୀମାନେ, ସତ୍ୟ ଶ୍ରବଣକରି ତାହାର ଆଜ୍ଞାବହ ହେବେ । ନଚେତ୍

ସେମାନେ ସତ୍ୟର ସତାରୂପେ ଅନୁସନ୍ଧାନକାରୀ ନୁହନ୍ତି । ପରମେଶ୍ୱରଙ୍କ ପବିତ୍ର ବାକ୍ୟ ଜ୍ଞାତ ହୋଇ ତାହାର ଆଜ୍ଞାବହ ନ ହେଲେ, କେବଳ ଶ୍ରବଣ କରିବାରେ ମନୁଷ୍ୟର କିଛି ନାହିଁ ।

ଖ୍ରୀଷ୍ଟଙ୍କ ମରଣ, ସମାଧି, ପୁନଃରୁଥାନ ରୂପ ସତ୍ୟତା ପ୍ରେରିତ ପିତର, ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଏକତ୍ରିତ ଜନତାକୁ ପ୍ରଚାର କରିଥିଲେ । ଯେଉଁମାନେ ତାହାଙ୍କ ବ୍ୟକ୍ତ ସୁସମାଚାର ଶ୍ରବଣ କରି, ବିଶ୍ୱାସ କରିଥିଲେ । ସେମାନେ "...ଭାଇମାନେ ଆମ୍ଭେମାନେ କଅଣ କରିବା ?" (ପ୍ରେରିତ ୨:୩୭) ବୋଲି ପ୍ରଶ୍ନ କରିଥିଲେ । ପବିତ୍ର ଆତ୍ମାରେ ପୂର୍ଣ୍ଣ ପିତର କହିଲେ, "...ଆପଣମାନେ ମନବରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ, ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) । ପ୍ରାୟ ତିନି ହଜାର ଲୋକେ ତାହାଙ୍କ ବାକ୍ୟରେ ବିଶ୍ୱାସ କଲେ ଓ ଆଜ୍ଞାବହ ହେଲେ, "ସେଥିରେ ଯେଉଁମାନେ ତାହାଙ୍କ ବାକ୍ୟ ଗ୍ରହଣ କଲେ, ସେମାନେ ବାପ୍ତିଜିତ ହେଲେ, ଆଉ ସେହିଦିନ ପ୍ରାୟ ତିନି ସହସ୍ର ଲୋକେ ମଣ୍ଡଳୀ ସହିତ ସଂଯୁକ୍ତ ହେଲେ ।" (ପେରିତ ୨:୪୧) । ଅବଶିଷ୍ଟ ଜନତା ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କଲେ ନାହିଁ, ସେମାନେ ସତ୍ୟ ଅନ୍ୱେଷଣକାରୀ ନୁହନ୍ତି । ସେମାନେ ଅନନ୍ତକାଳ ନିମନ୍ତେ ବିନଷ୍ଟ ହେବେ । (ଯୋହନ ୧୨:୪୮) । ଯେଉଁମାନେ ପରମେଶ୍ୱରଙ୍କ ବାକ୍ୟ ବିରୋଧ କରନ୍ତି । ସୁସମାଚାରର ଅବଜ୍ଞା କରନ୍ତି, ପ୍ରତ୍ୟେକ ବିନଷ୍ଟ ହେବେ ।

ପେଣ୍ଟିକଷ୍ଟ ଦିନରେ ପ୍ରଚାରିତ ସେହି ସତ୍ୟର କି ଆପଣ ଆଜ୍ଞାବହ ଅଟନ୍ତି । କିଅବା ଅବଶିଷ୍ଟ ଜନତାମାନଙ୍କ ସଦୃଶ୍ୟ ପରମେଶ୍ୱରଙ୍କ ଆଜ୍ଞାକୁ ଅମାନ୍ୟ କରୁ ଅଛନ୍ତି ? ଯୀଶୁ କହିଲେ, "..ତୁମ୍ଭେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଥାଅ । ସେଥିରେ ଆମ୍ଭେ ତୁମ୍ଭକୁ ଜୀବନରୂପ ମୁକୁଟ ଦେବୁ ।" (ପ୍ରେକାଶିତ ୨:୧୦) । ସୁସମାଚାରର ସତ୍ୟତାର ଆଜ୍ଞାବହ ହୁଅ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ରୁଅ, ଶେଷରେ ମୁକୁଟ ପ୍ରାପ୍ତ ହୋଇପାରିବ ।

*– Charles R. Rose*

❋❋❋

# ଆପଣ କି ସେହି ଦଶଜଣ ମଧ୍ୟରୁ ଜଣେ ?
(Are you one in Ten ?)

"ସେଥିରେ ଯୀଶୁ ଉତ୍ତର ଦେଲେ, ଦଶଜଣ କଅଣ ଶୁଚି ହେଲେ ନାହିଁ? ତେବେ ଆଉ ନଅ ଜଣ କାହାନ୍ତି?" (ଲୂକ ୧୭:୧୭-୧୮)।

ଅକୃତଜ୍ଞତା ମନୁଷ୍ୟର କୁଗୁଣ। ନଅଜଣ କୁଷ୍ଠୀ ରୋଗୀ ମଧ୍ୟ ସୁସ୍ଥତା ପ୍ରାପ୍ତ ହୋଇଥିଲେ। ଯୀଶୁଖ୍ରୀଷ୍ଟ ସେମାନଙ୍କୁ ସୁସ୍ଥ କରିବେ ବୋଲି ସେମାନଙ୍କ ବିଶ୍ୱାସ ଥିଲା। ସେମାନଙ୍କୁ ସୁସ୍ଥ କରିବା ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସୁସ୍ଥତା ପ୍ରାପ୍ତ ହେବା କୁଷ୍ଠୀମାନେ ସଦାପ୍ରଭୁଙ୍କ ସମ୍ମୁଖରେ ଉପସ୍ଥିତ ହେବାର ସଦାପ୍ରଭୁଙ୍କ ଆଜ୍ଞା ସେମାନେ ପାଳନ କରିଥିଲେ। କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ଫେରି ଆସି, ତାହାଙ୍କ ସେମାନେ ତାହାଙ୍କୁ ଧନ୍ୟବାଦ ଦେଲେ ନାହିଁ। ସେହି ନଅଜଣ କାହିଁକି ଅକୃତଜ୍ଞ ହେଲେ?

(୧) ବିବେଚନାର ଅଭାବ :-ବିବେଚନାର ଅଭାବ ହିଁ ଅକୃତଜ୍ଞତାର ମୂଳ କାରଣ। ସେହି ନଅଜଣ ଯିହୂଦୀ ଥିବାରୁ, ସେମାନେ ସୁସ୍ଥତା ପ୍ରାପ୍ତ ହେବା ସେମାନଙ୍କ ଅଧିକାର ବୋଲି ବିବେଚନା କରୁଥିଲେ। ଏହା ସେମାନଙ୍କ ବଂଶଗତ ଆଚାର। "...ଆମ୍ଭର ଲୋକମାନେ ବିବେଚନା କରନ୍ତି ନାହିଁ।" (ଯିଶାଇୟ ୧:୩୯)। ସଦାପ୍ରଭୁ ସେମାନଙ୍କ ନିମନ୍ତେ କରିଥିବା ମହାଶ୍ଚର୍ଯ୍ୟ କର୍ମ ଗୁଡିକ ସେମାନେ ପାଶୋରି, ଅକୃତଜ୍ଞ ହୋଇ ରହିଲେ।

ସଦାପ୍ରଭୁ ପରମେଶ୍ୱର ଆମ୍ଭମାନଙ୍କ ଜୀବନରେ କରିଥିବା ମହାଶ୍ଚର୍ଯ୍ୟ କର୍ମ ଗୁଡିକ ସ୍ମରଣ କରିବା ନିମନ୍ତେ ସେ ଇଚ୍ଛା କରନ୍ତି। (୧ମ ଶାମୁୟେଲ ୧୨:୨୪)। "ଦାଉଦ କହନ୍ତି , ହେ ମୋହର ମନ ସଦାପ୍ରଭୁଙ୍କର ଧନ୍ୟବାଦ କର ଓ ତାହଙ୍କର ମଙ୍ଗଳଦାନ ସବୁ ପାସୋର ନାହିଁ।"(ଗୀତ ୧୦୩:୨)। ଏହି ଜୀବନ ତାହାଙ୍କ ଦତ୍ତ। ତାହାଙ୍କ ଠାରେ ଆମ୍ଭମାନଙ୍କର ଅସ୍ତି, ଗତି ଓ ସ୍ଥିତି। (ପ୍ରେରିତ ୧୭:୨୮)। ତାହାଙ୍କ ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପ୍ରାପ୍ତ ହୋଇଅଛୁ। ତାହାଙ୍କ ମଙ୍ଗଳଦାନ ସବୁ ପାସୋରି, ତାହାଙ୍କୁ ଗୌରବ ନ ଦେବା କେତେ ଭୟଙ୍କର ବିଷୟ? ଶତକଡା ନବେ ଲୋକେ, ଆପଣା ଉପକାରୀଙ୍କୁ ଗୌରବ ଦିଅନ୍ତି ନାହିଁ। ଆପଣା କି ସେମାନଙ୍କ ମଧ୍ୟରୁ ଜଣେ?

(୨) ଅହଙ୍କାର, ଅକୃତଜ୍ଞତାର ଏକ କରାଣ :-ବାହୁଡି ଆସି ଧନ୍ୟବାଦ

ଦେଇଥିବା ଶମରୋଣୀୟ ଜଣେ ବିଜାତିୟ । ଅନ୍ୟମାନେ ଅବ୍ରାହାମଙ୍କ ସନ୍ତାନ ବୋଲି୍ ଅହଙ୍କାରରେ, ଆପଣାକୁ ନମ୍ର କରି ନଥିଲେ । ନମ୍ରତା କୃତଜ୍ଞତାର ମୂଳ । ତାହାଙ୍କ ବଳିଷ୍ଠ ବାହୁତଳେ ଆପଣା ଆପଣାକୁ ନତ କରି, କୃତଜ୍ଞତାର ଜୀବନଯାପନ କରୁ ।

(୩) ଉପକାର ପ୍ରାପ୍ତ ହୋଇ, ଉପକାରୀକୁ ନ ପାଶୋରୁ :-ଦଶଜଣ କୁଷ୍ଠୀ, ସୁସ୍ଥତା ପ୍ରାପ୍ତ ହେବା ସମୟରେ ଯୀଶୁ ଦୃଷ୍ଟିଗୋଚରରେ ନ ଥିଲେ । ସେମାନଙ୍କ ଆନନ୍ଦ ଓ ସନ୍ତୋଷ ସମୟରେ ସେମାନେ ଯୀଶୁଙ୍କୁ ଦେଖି ପାରି ନ ଥିଲେ । ସଦାପ୍ରଭୁ ଆମ୍ଭମାନଙ୍କୁ ଆଶୀର୍ବାଦ କରନ୍ତି । ଯଦିଓ ତାହାଙ୍କ ହସ୍ତ ଉତ୍ତୋଳନ ଆମ୍ଭେମାନେ ଦେଖି ପାରି ନଥାଉ, ଆମ୍ଭମାନଙ୍କ ପ୍ରତ୍ୟେକ ଆବଶ୍ୟକତା ସେ ପୂରଣ କରନ୍ତି । ଯାକୁବ ଲେଖନ୍ତି; "ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଊର୍ଦ୍ଧ୍ୱରେ, ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କ ଠାରୁ ଆସେ, ଯାହାଙ୍କ ଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।" (ଯାକୁବ ୧:୧୭) ।

ସାରାଂଶ :- କୃତଜ୍ଞତାର ଜୀବନରେ ଅନେକ ଆଶୀର୍ବାଦ ନିହିତ ଅଛି । ଭୟ ଓ ପୁରସ୍କାର ଆଶା ଠାରୁ ଅଧିକଭାବେ ମନୁଷ୍ୟ କୃତଜ୍ଞତା ଅନେକ କାର୍ଯ୍ୟ ସମ୍ପନ୍ନ କରିପାରେ । କୃତଜ୍ଞତା କେବଳ ମୁଖ ଦ୍ୱାରା ପ୍ରକଟିତ ହୁଏ ନାହିଁ । ବରଂ କାର୍ଯ୍ୟ ଦ୍ୱାରା ପ୍ରକଟିତ ହୁଏ । ଆମ୍ଭମାନଙ୍କ ସ୍ୱର୍ଗୀୟ ପିତା ଆମ୍ଭମାନଙ୍କୁ ଶାରୀରିକ ଭାବେ ଓ ଆତ୍ମିକଭାବେ ଆଶୀର୍ବାଦ କରି ଅଛନ୍ତି । (ଏଫିସୀ ୧:୩, ଯାକୁବ ୧:୫,୧୭) । କିନ୍ତୁ ଯେଉଁ ହସ୍ତ ଆମ୍ଭମାନଙ୍କୁ ପୋଷଣ କରେ, ତାହାଙ୍କୁ ଆମ୍ଭେମାନେ ପାସରୁ ଥାଉଁ । ଆପଣ କି ସେହି ଦଶଜଣ ମଧ୍ୟରେ ଅର୍ନ୍ତଭୁକ୍ତ ?

***– W. Dougleass Herris***

❋❋❋

# ପରମେଶ୍ୱରଙ୍କ ଆହ୍ୱାନ
## (Invitations, Respond to God's)

ନୂତନ ନିୟମରେ ପରମେଶ୍ୱରଙ୍କ ଆହ୍ୱାନ ଅନେକ ଭାବେ ଲିଖିତ ହୋଇଅଛି । ଯୀଶୁଙ୍କ ନିକଟକୁ ଆସ :- ଏହି ଜୀବନର ଭାରଗ୍ରସ୍ତ ପ୍ରତ୍ୟେକ ମନୁଷ୍ୟକୁ ଯୀଶୁଖ୍ରୀଷ୍ଟ ଆପଣା ନିକଟକୁ ଆହ୍ୱାନ କରିନ୍ତି । "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ । ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।" (ମାଥିଉ ୧୧:୨୮-୨୯) । ମନୁଷ୍ୟମାନଙ୍କ ଜୀବନର ଭାର ତାହାଙ୍କ ଜୁଆଳିରେ ସେ ବହନ କରିବା ନିମନ୍ତେ ଆହ୍ୱାନ ଜଣାନ୍ତି ।

ଯୀଶୁଙ୍କ ବାକ୍ୟ ଅନେକ ଶ୍ରବଣ କରୁଥିଲେ, କିନ୍ତୁ ପ୍ରତ୍ୟେକେ ଗ୍ରହଣ କରୁ ନ ଥିଲେ । ସେମାନଙ୍କୁ ସେ କହନ୍ତି, "...ଯାହାର ଶୁଣିବାକୁ ଈାନ ଅଛି ସେ ଶୁଣୁ ।" (ମାର୍କ ୪:୯) । ବାକ୍ୟନୁଯାୟୀ କାର୍ଯ୍ୟ ନକରି, ଶ୍ରୋତା ମାତ୍ର ହୋଇ ଆପଣା ଆପଣାକୁ ନ କରୁ । (ଯାକୁବ ୧:୨୨) ।

ସାନ ସାନ ପିଲାମାନଙ୍କୁ ସେ ଆପଣା ନିକଟକୁ ଆହ୍ୱାନ କରନ୍ତି :- ଯୀଶୁଙ୍କ ନିକଟକୁ ଆଣୁଥିବା ସାନ ସାନ ପିଲାମାନଙ୍କ ପିତା ମାତାଙ୍କୁ ଶିଷ୍ୟମାନେ ଧମକ ଦେବାରୁ, ଯାଶୁଖ୍ରୀଷ୍ଟ ସେମାନଙ୍କୁ ବିରକ୍ତ ହୋଇ କହିଲେ, "...ଶିଶୁମାନଙ୍କୁ ମୋ ନିକଟକୁ ଆସିବାକୁ ଦିଅ, ସେମାନଙ୍କୁ ମନା କର ନାହିଁ, କାରଣ ଈଶ୍ୱରଙ୍କ ରାଜ୍ୟ ଏହି ପ୍ରକାର ଲେକମାନଙ୍କର ।" (ମାର୍କ ୧୦;୧୪) ।

ଯୀଶୁଙ୍କ ଦତ୍ତ ଜୀବଜଳ ପାନ କରୁ :- ଯୀଶୁ ଓ ତାହାଙ୍କ ଶିଷ୍ୟମାନେ ଯିହୂଦାରୁ ଗାଲୀଲୀ ପ୍ରସ୍ଥାନ କରିବା ସମୟରେ ସୁଖାର ନଗରକୁ ଖାଦ୍ୟ କିଣିବା ସମୟରେ, କୂପ ନିକଟକୁ ଜଳ କାଢ଼ିବା ନିମନ୍ତେ ଏକ ଶମିରୋଣୀୟ ସ୍ତ୍ରୀ ଆସିଲେ । ଯୀଶୁ ତାହାଙ୍କୁ କହିଲେ, "ମୋତେ ପିଇବାକୁ ଦିଅ ।" (ଯୋହନ ୪:୭୭) । ଏକ ଯିହୂଦୀ ବ୍ୟକ୍ତି ଏକ ଶମିରୋଣୀୟ ସ୍ତ୍ରୀକୁ ଜଳ ମାଗିବା ଦେଖି ସେ ସ୍ତ୍ରୀ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ଯୀଶୁ ତାହାଙ୍କୁ କହିଲେ, "...ଈଶ୍ୱରଙ୍କ ଦାନ ଓ ମୋତେ ପିଇବାକୁ ଦିଅ ବୋଲି ଯେ ତୁମ୍ଭକୁ କହୁ ଅଛନ୍ତି, ସେ କିଏ ଏହା ଯେବେ ଜାଣିଥାଆନ୍ତି । ତାହା ହେଲେ ତୁମ୍ଭେ ତାହାଙ୍କୁ ମାଗି ଥାଆନ୍ତି । ଆଉ ସେ ତୁମ୍ଭକୁ ଜୀବନ୍ତ ଜଳ ଦେଇ ଥାଆନ୍ତେ ।" (ଯୋହନ ୪:୧୦) । ଜଳ କାଢ଼ିବା ନିମନ୍ତେ ତାହାଙ୍କ ନିକଟରେ କିଛି ନଥିବାରୁ ସେ ଜଳ କିପରି ଜଳ କାଢ଼ିବେ

ବୋଲି ସ୍ତ୍ରୀ ତାହାଙ୍କୁ ପଚାରିବାରୁ ସେ ଉତ୍ତର ଦେଲେ । "ଯେ କେହି ଏହି ଜଳ ପାନ କରେ ସେ ପୁନଃର୍ବାର ତୃଷିତ ହେବ । କିନ୍ତୁ ମୁଁ ଯେଉଁ ଜଳ ଦେବି, ତାହା ଯେ କେହି ପାନ କରିବ । ସେ କେବେ ହେଁ ତୃଷ୍ଣାର୍ତ୍ତ ହେବ ନାହିଁ , ବରଂ ମୁଁ ତାହାଙ୍କୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଚ୍ଛୁଳି ଉଠୁଥିବ ।" (ଯୋହନ ୪:୧୩୧୪) ।

ଜୀବନର ଜଳ ପାନ ନିମନ୍ତେ ଯୀଶୁଙ୍କ ନିକଟକୁ ଆସୁ :- ମନୁଷ୍ୟର ଆତ୍ମିକ ତୃଷ୍ଣା ବିଷୟରେ ଯୀଶୁଖ୍ରୀଷ୍ଟ ଜ୍ଞାତ ଥିଲେ । ସେ ନିସ୍ତାର ପର୍ବର ଶେଷ ଦିନରେ ସେ ଉଚ୍ଚ ସ୍ୱରରେ କହିଲେ, "...କେହି ଯଦି ତୃଷିତ ହୁଏ, ତେବେ ସେ ମୋ ନିକଟକୁ ଆସି ପାନ କରୁ । ଯେ ମୋ ଠାରେ ବିଶ୍ୱାସ କରେ ଧର୍ମଶାସ୍ତ୍ରର ଉକ୍ତ ପ୍ରମାଣେ ତାହାର ଅନ୍ତରରୁ ଜୀବନ୍ତ ଜଳସ୍ରୋତ ପ୍ରବାହିତ ହେଉଥିବ ।" (ଯୋହନ ୭:୩୭-୩୮) । ତପୂରେ ଦତ୍ତ ହେବା ପବିତ୍ର ଆତ୍ମାଙ୍କ ବିଷୟରେ ଯୀଶୁ ଏଠାରେ କହିଥିଲେ , କାରଣ ସେ ସମୟରେ ପବିତ୍ର ଆତ୍ମା ଦତ୍ତ ନଥିଲେ । (ଯୋହନ ୭:୩୯) ।

ଜୀବନରୂପ ରୋଟୀ ଭୋଜନ କର :- ଶ୍ରାରିରୀକ ଭୋଜନ ବିନୁ ଯେପରି ଶରୀର ବିନଷ୍ଟ ହୁଏ, ଆତ୍ମିକ ଭୋଜନ ବିନୁ ଆତ୍ମା ବିନଷ୍ଟ ହୁଏ । ଯୀଶୁ ନିଜେ ସେ ଆତ୍ମିକ ଭୋଜନ ଖାଦ୍ୟ ଅଟନ୍ତି । ଯୀଶୁ କହିଲେ, "ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ସେହି ଜୀବନ୍ତ ଆହାର କେହି ଯଦି ଏହି ଆହାର ଭୋଜନ କରେ, ସେ ଅନନ୍ତକାଳ ପର୍ଯ୍ୟନ୍ତ ଜୀବିତ ରହିବି, ମୁଁ ଯେଉଁ ଆହାର ଦେବି ତାହା ମୋହର ମାଂସ, ମୁଁ ଜଗତର ଜୀବନ ନିମନ୍ତେ ଦେବି ।" (ଯୋହନ ୬:୫୧) ।

ଯୀଶୁଖ୍ରୀଷ୍ଟଙ୍କ ଜୀବନ ଓ ଶିକ୍ଷା ଆମ୍ଭମାନଙ୍କୁ ସଂଜୀବିତ କରେ । ସେ କହିଲେ, "ଜୀବନ୍ତ ପିତା ଯେପରି ମୋତେ ପ୍ରେରଣ କଲେ ଓ ମୁଁ ପିତାଙ୍କ ହେତୁରୁ ଜୀବିତ ଥାଏ, ସେହିପରି ଯେ ମୋତେ ଭୋଜନ କରେ, ସେ ମଧ୍ୟ ମୋ ହେତୁ ଜୀବିତ ରହିବ । ଯେଉଁ ଆହାର ସ୍ୱର୍ଗରୁ ଆବତରଣ କରିଅଛି, ତାହା ଏହି ପିତୃପୁରୁଷ ଯେପରି ଭୋଜନ କରି ମୃତ୍ୟୁଭୋଗ କଲେ, ସେ ପ୍ରକାର ନୁହେଁ, ଯେ ଏହି ଆହାର ଭୋଜନ କରିବ, ସେ ଅନନ୍ତକାଳ ପର୍ଯ୍ୟନ୍ତ ଜୀବିତ ରହିବ ।" (ଯୋହନ ୬:୫୭-୫୮) ।

ଉତ୍ତମ ମେଷ ପାଳକଙ୍କ ଆହ୍ୱାନ :- ଯୀଶୁ ଆପଣାକୁ "ଉତ୍ତମ ମେଷପାଳକ ରୂପେ ବର୍ଣ୍ଣନା କରି ଅଛନ୍ତି । (ଯୋହନ ୧୦:୧୧) । ସେ ମେଷ ଗୁହାଳର ଦ୍ୱାର ଅଟନ୍ତି ।" ମୁଁ ଦ୍ୱାର ଯଦି କେହି ମୋ ଦେଇ ପ୍ରବେଶ କରେ, ତାହା ହେଲେ ସେ ରକ୍ଷା ପାଇବ ଏବଂ ଭିତରକୁ ଆସି ଓ ବାହାରକୁ ଯାଇ ଚରା ପାଇବ ।" (ଯୋହନ ୧୦:୯) । ପରମେଶ୍ୱରଙ୍କ ଗୁହାଳ ମଣ୍ଡଳୀ ଅଟେ । ଯାହା କି ଶାସ୍ତ୍ରରେ ଈଶ୍ୱରଙ୍କ ରାଜ୍ୟ ଅଥବା

ଖ୍ରୀଷ୍ଟଙ୍କ ରାଜ୍ୟ ବୋଲି ବର୍ଣ୍ଣନା ଯାଏ ।

**ଈଶ୍ୱରଙ୍କ ସହିତ ସମ୍ମିଳିତ ହୁଅ :-** ପ୍ରେରିତ ପାଉଲ ଆପଣାକୁ ଈଶ୍ୱରଙ୍କ ରାଜଦୂତ ରୂପେ ପରିଚିତ କରାନ୍ତି । ମନୁଷ୍ୟମାନଙ୍କୁ ପରମେଶ୍ୱରଙ୍କ ସହ ସମ୍ମିଳିତ କରାଇବା, ତାହାଙ୍କ ମୁଖ୍ୟ ଲକ୍ଷ୍ୟ ଥିଲା । "ଅତଏବ ଈଶ୍ୱର ଆମ୍ଭମାନଙ୍କ ଦ୍ୱାରା ଆହ୍ୱାନ କରୁଥିବାରୁ ଆମ୍ଭେମାନେ ଖ୍ରୀଷ୍ଟଙ୍କ ପକ୍ଷରେ ରାଜଦୂତର କର୍ମ କରୁଅଛୁ । ଖ୍ରୀଷ୍ଟଙ୍କ ପକ୍ଷରେ ରାଜଦୂତର କର୍ମ କରୁଅଛୁ ।" (୨ କରିନ୍ଥୀ ୫:୨୦) । ମନୁଷ୍ୟମାନଙ୍କ ସହ ସମ୍ମିଳିତ ହୁଅ ବୋଲି, ପରମେଶ୍ୱରଙ୍କୁ ନିବେଦନ କରିବା ଆବଶ୍ୟକ ନାହିଁ । ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ପ୍ରେରଣ କରି ଆପଣା ଇଚ୍ଛା ପ୍ରକଟ କରି ଅଛନ୍ତି ।

**ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୁଅ :-** ମନୁଷ୍ୟମାନେ ତାହାଙ୍କ ନିକଟବର୍ତ୍ତୀ ହେଉନ୍ତୁ ବୋଲି ପ୍ରଭୁ ଇଚ୍ଛା କରନ୍ତି ଓ ଆହ୍ୱାନ ଜଣାନ୍ତି । ଯାକୁବ ଲେଖନ୍ତି, "ଈଶ୍ୱରଙ୍କର ନିକଟବର୍ତ୍ତୀ ହୁଅ, ସେଥିରେ ସେ ତୁମ୍ଭମାନଙ୍କର ନିକଟବର୍ତ୍ତୀ ହେବେ ।" (ଯାକୁବ ୪:୮) ।

**ହୃଦୟ ରୂପ ଦ୍ୱାର ଉନ୍ମୁକ୍ତ କରୁ :-** ଯୀଶୁ ପ୍ରତ୍ୟେକଙ୍କ ଜୀବନରେ ସ୍ଥାନ ଚାହାନ୍ତି, କିନ୍ତୁ ଆମ୍ଭମାନଙ୍କୁ ତାହାଙ୍କୁ ଆହ୍ୱାନ କରିବା ଆବଶ୍ୟକ । "ଦେଖ, ଆମ୍ଭେ ଦ୍ୱାର ନିକଟରେ ଠିଆ ହୋଇ ଆଘାତ କରୁଅଛୁ । ଯଦି କେହି ଆମ୍ଭର ସ୍ୱର ଶୁଣି ଦ୍ୱାର ଫିଟାଇ ଦେବ, ତାହାହେଲେ ଆମ୍ଭେ ପ୍ରବେଶ କରି ତାହା ନିକଟକୁ ଯିବୁ ପୁଣି ଆମ୍ଭେ ତାହା ସହିତ ଭୋଜନ କରିବୁ ଓ ସେ ଆମ୍ଭ ସହିତ ଭୋଜନ କରିବ ।" (ପ୍ରକାଶିତ ୩:୨୦) ।

**ଜୀବନ ଜଳ ନିକଟକୁ ଆସ :-** ବାଇବଲର ଅନ୍ତିମ ଅଧ୍ୟାୟରେ ଏକ ମହୋତ୍ତମ ଆହ୍ୱାନ ଲିଖିତ ଅଛି । "ଆତ୍ମା ଓ କନ୍ୟା କହନ୍ତି, ଆସ, ପୁଣି ଯେ ଶୁଣେ, ସେ କହୁ ଆସ, ଯେ ତୃଷାର୍ତ୍ତ, ସେ ଆସୁ ଯେ ଇଚ୍ଛା କରେ, ସେ ବିନାମୂଲ୍ୟରେ ଜୀବନଦାୟକ ଜଳ ପାନ କରୁ ।" (ପ୍ରକାଶିତ ୨୨:୧୭) । ଜୀବନ ଦେଉଥିବା ଜଳ ବିନା ମୂଲ୍ୟରେ ବିତରଣ କରାଯାଉଅଛି । ଏହି ଜଳ ପାନ କରିବା ନିମନ୍ତେ ପ୍ରତ୍ୟେକ ଆହ୍ୱାନିତ ।

***– Richerd Walker***

❋❋❋

Edited & Published by : Kabita & Joshua Gootam

# Dynamic Worship

What is dynamic worship?We mean active, empowering worship, worship that centers on God,that gives to Him honor,adoration,and praise!Worship that draws upon his strength and power for our lives! While worship is primarily giving to God, it results in blessings of receiving.

Have you ever heard someone say, "I just don't get much out of the worship service!"? Such a statement could be a reflection upon the worshiper rather than the service. Study these suggestions that could help put quality into your worship.

**1. Make Sunday worship a priority.** It is the most important commitment of the week. It is nothing less than meeting with God.

**2. Don't bring God leftovers.** God has always demanded "first fruits." He cannot be satisfied with scraps. Get plenty of sleep on Saturday night,and come to worship with an alert and refreshed mind.

**3. Prepare your mind.** Discipline begins in the mind, and so does discipleship. Train your mind to concentrate on spiritual things.

**4. Be on time.** Rushing in late makes it difficult for you to settle into meditation,and it disturbs the other worshipers.

**5. Bring your Bible.** Coming to worship with out your Bible is like going out to drive your

car withhout your keys.

**6. Open your mouth and Sing.** Singing is not an option. It is a command. those who violate this command are just as guilty as if they neglected the assembly in the first place.

**7. Be friendly.** Worship is enhanced when done as a family. Family members should know and love each other.

**8. Listen carefully to the sermon.** Taking notes will help. Follow along in your Bible. Take the message seriously; it will help you. It will encourage the speaker, and he will do a better job. It will show non Christians that we are serious.

**9. Make your worship God-centered.** Worship is primarily a giving situation. It is in the giving of ourselves that we get. No giving, no getting. Think about it the next time you hear someone say,"I don't get much out of worship service!"

Printed Book Clarence Deloach jr.

From:

**SATYA VANI**
**P.O. Box 80,**
**Kakinada - 533 001**

To

(FOR PRIVATE CRICULATION ONLY)